# ହରେକୃଷ୍ଣ ମହାମନ୍ତ୍ର ଜପ

ପ୍ରଭୁ ବଲେ - " କୃଷ୍ଣ ଭକ୍ତି ହଉକ ସବାର
କୃଷ୍ଣ ନାମ - ଗୁଣ ବଇ ନା ବଲିହ ଆର" ॥
ଆପନେ ସବାରେ ପ୍ରଭୁ କରେ ଉପଦେଶେ
କୃଷ୍ଣ ନାମ ମହାମନ୍ତ୍ର ଶୁନହ' ହରସେ ॥
"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ" ॥
ପ୍ରଭୁ ବଲେ - "କହିଲାମ ଏହି ମହାମନ୍ତ୍ର
ଇହା ଜପ' ଗିୟା ସବେ କରିୟା ନିର୍ବନ୍ଧ ॥
ଇହା ହଇତେ ସର୍ବସିଦ୍ଧି ହଇବେ ସବାର
ସର୍ବକ୍ଷଣ ବଲ'ଇଥେ ବିଧି ନାହିଁ ଆର" । (ଚୈ, ଭା.)
କୃଷ୍ଣ ନାମ ମହାମନ୍ତ୍ରେର ଏଇତ' ସ୍ୱଭାବ
ଯେଇ ଜପେ, ତାର କୃଷ୍ଣେ ଉପୁଜୟେ ଭାବ ॥ (ଚୈ.ଭା.)

"ପ୍ରତ୍ୟେକ ଭକ୍ତଙ୍କ ପାଇଁ ମହାମନ୍ତ୍ର ଜପ ଅପରିହାର୍ଯ୍ୟ । ଶ୍ରୀ ଚୈତନ୍ୟ ମହାପ୍ରଭୁ ପ୍ରତିଦିନ ସୁନିର୍ଦ୍ଦିଷ୍ଟ ସଂଖ୍ୟକ ମହାମନ୍ତ୍ର ଜପମାଳାରେ ଜପ କରୁଥିଲେ । ଷଡ଼ଗୋସ୍ୱାମୀ ଗଣ ଚୈତନ୍ୟ ମହାପ୍ରଭୁଙ୍କ ପଦାଙ୍କ ଅନୁସରଣ କରୁଥିଲେ । ହରିଦାସ ଠାକୁର ମଧ୍ୟ ଏହିପରି ଅନୁସରଣ କରୁଥିଲେ । ଅନ୍ୟାନ୍ୟ ଦାୟିତ୍ୱ ପାଳନ ବ୍ୟତୀତ ଚୈତନ୍ୟ ମହାପ୍ରଭୁ ପ୍ରତିଦିନ ସୁନିର୍ଦ୍ଦିଷ୍ଟ ସଂଖ୍ୟକ ପବିତ୍ର ନାମ ଜପ କରିବାର ନିୟମ ପ୍ରବର୍ତ୍ତନ କରିଥିଲେ । ସେଥିପାଇଁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅନୁସରଣକାରୀ ଭକ୍ତମାନେ ପ୍ରତିଦିନ ଅତିକମ୍‌ରେ ୧୬ ମାଳା ଜପ କରିବା ଉଚିତ୍ । ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘର ସଂସ୍ଥାପକ ଆଚାର୍ଯ୍ୟ ଶ୍ରୀଲ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ମଧ୍ୟ ଏଇ ନିର୍ଦ୍ଦିଷ୍ଟ ସଂଖ୍ୟକ ନାମ ଜପ ନିର୍ଦ୍ଧାରିତ କରିଅଛନ୍ତି । ୧୬ ମାଳା (୧୬x୧୦୮) ଜପ କଲେ ପ୍ରାୟ ୨୮ ହଜାର ନାମ ଜପ ହୋଇଯାଏ । ହରିଦାସ ଠାକୁର ଅଥବା ଅନ୍ୟାନ୍ୟ ଗୋସ୍ୱାମୀମାନଙ୍କୁ ଅନୁକରଣ କରିବା ଦରକାର ନାହିଁ । ତେଣୁ ପ୍ରତିଦିନ ସୁନିର୍ଦ୍ଦିଷ୍ଟ ସଂଖ୍ୟକ ନାମ ଜପ କରିବା ସମସ୍ତ ଭକ୍ତଙ୍କର ଅବଶ୍ୟ କର୍ତ୍ତବ୍ୟ ।

ବୈଷ୍ଣବ ଗୁରୁଙ୍କ ନିର୍ଦ୍ଦେଶରେ କାହାକୁ ଅନ୍ୟାନ୍ୟ ଦାୟିତ୍ୱ ପାଳନ କରିବାକୁ ହୋଇଥାଏ । କିନ୍ତୁ ସେହି ସେବା କରିବା ସଙ୍ଗେ ଗୁରୁଙ୍କ ସୁନିର୍ଦ୍ଦିଷ୍ଟ ସଂଖ୍ୟକ ନାମ ଜପ କରିବାକୁ ହେବ । ଆମର କୃଷ୍ଣଭାବନାମୃତ ଆନ୍ଦୋଳନରେ ଶ୍ରୀଲ ପ୍ରଭୁପାଦ ସ୍ଥିର କରିଛନ୍ତି ଯେ ପ୍ରତ୍ୟେକ ଭକ୍ତଙ୍କୁ ପ୍ରତିଦିନ କମ୍ ପକ୍ଷରେ ୧୬ ମାଳା ଜପ କରିବାକୁ ପଡ଼ିବ । ଯଦି କେହି କୃଷ୍ଣଙ୍କୁ ମନେ ରଖିବାକୁ ଋହେଁ ତେବେ ପ୍ରତିଦିନ ନାମ ଜପ ଏକାନ୍ତ କର୍ତ୍ତବ୍ୟ, ସବୁ ପ୍ରକାର ବାଧାବିଘ୍ନରେ ଥାଇ ମଧ୍ୟ ଆମକୁ ଶ୍ରୀ ଗୁରୁଙ୍କ ନିର୍ଦ୍ଦେଶିତ୧୬ ମାଳା ପ୍ରତ୍ୟହ ଜପ କରିବାକୁ ପଡ଼ିବ ।

ହରିନାମ ଜପ ସମୟରେ ଉପର ତଳ ଦୁଇ ଓଷ୍ଠ ଓ ଜିହ୍ୱାର କ୍ରିୟା ଗୁରୁତ୍ୱପୂର୍ଣ୍ଣ । ହରେକୃଷ୍ଣ ମହାମନ୍ତ୍ର ଜପ ସଂଗେ ସଂଗେ ଏହି ତିନିଟି ପ୍ରତ୍ୟଙ୍ଗ ଅବଶ୍ୟ ସକ୍ରିୟ ରହିବା ଦରକାର । ମହାମନ୍ତ୍ରର ପ୍ରତ୍ୟେକ ଶବ୍ଦ ଖୁବ୍ ସ୍ପଷ୍ଟ ଭାବରେ ଶୁଣି ଶୁଣି ଉଚ୍ଚାରଣ କରିବାକୁ ହେବ । ବେଳେ ବେଳେ କେହି କେହି ଓଠ ଓ ଜିହ୍ୱା ସାହାଯ୍ୟରେ ସଠିକ୍ ଉଚ୍ଚାରଣ କରି ଜପ କରିବା ପରିବର୍ତ୍ତେ ଗୋଟିଏ ପ୍ରକାରର ଯାନ୍ତ୍ରିକ ଶବ୍ଦ ଉଚ୍ଚାରଣ କରନ୍ତି । ଜପ ଅତ୍ୟନ୍ତ ସହଜ କିନ୍ତୁ ଅତି ନିଷ୍ଠାର ସଙ୍ଗେ ଏହି ଅନୁଶୀଳନ କରିବାକୁ ହୁଏ । ହରେକୃଷ୍ଣ ମହାମନ୍ତ୍ର ଏହିପରି ଜପ କରିବ ଯେମିତି ନିଜେ ତାହା ଶୁଣି ପାରିବେ । ଉଚ୍ଚସ୍ୱରରେ କଲେ ଶହେଗୁଣ ଅଧିକ ଫଳଦାୟକ । (ଶ୍ରୀଲ ପ୍ରଭୁପାଦ) ।

କୃଷ୍ଣ ଭାବନାମୃତରେ ଆସୁଥିବା ନବାଗତ ଭକ୍ତମାନେ ପ୍ରତିଦିନ ଷୋହଳ ମାଳା ଜପ କରିବା ପାଇଁ ନିଜକୁ ଅସମର୍ଥ ଭାବନ୍ତି । ଏହି ଭକ୍ତମାନେ ନିଜର ସାମର୍ଥ୍ୟ ଅନୁସାରେ ଆଠ, ଚାରି, ଦୁଇ କିମ୍ବା ଅନ୍ୟୁନ ଏକମାଳା ଜପ କରି ନିଜର ଆଧାତ୍ମିକ ଜୀବନ ଆରମ୍ଭ କରିପାରନ୍ତି । ଜପ ସଂଖ୍ୟା ବଢ଼ାଇ ବଢ଼ାଇ ନିର୍ଦ୍ଧାରିତ ଷୋହଳ ମାଳା ପର୍ଯ୍ୟନ୍ତ କରିବାକୁ ଯତ୍ନଶୀଳ ହେବେ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୀକ୍ଷା ନେବାର ଏକ ବର୍ଷ ପୂର୍ବରୁ ପ୍ରତିଦିନ ଷୋହଳ ମାଳା ଜପରୁ କମ୍ କରିବେ ନାହିଁ । ମନୋନିବିଷ୍ଟ କରି ଧ୍ୟାନ ପୂର୍ବକ ଜପ କଲେ ଆମ୍ଭର ଆଧ୍ୟାତ୍ମିକ ଉନ୍ନତି ଦ୍ରୁତ ଗତିରେ ବୃଦ୍ଧି ହେବ । ଜପ କରିବାର ଅର୍ଥ ଏହା ନୁହେଁ କେବଳ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ପୁରା କରିବା । ଜପ ସ୍ପଷ୍ଟ ସ୍ୱରରେ ଶ୍ରୀକୃଷ୍ଣଙ୍କ ପ୍ରତି ସମର୍ପିତ ଭାବେ ହେବା ଉଚିତ୍ ଏବଂ ଜପ କରିବା ସମୟରେ ପବିତ୍ର ନାମକୁ ଏକାଗ୍ରତା ସହ ପ୍ରତ୍ୟେକ ଶବ୍ଦ ସ୍ପଷ୍ଟ ଉଚ୍ଚାରଣ ଓ ଶ୍ରବଣ କରିବା ଉଚିତ୍ ।

ଅଧିକାଂଶ ଭକ୍ତ ତ୍ରୁଟିପୂର୍ଣ୍ଣ ଭାବେ ଜପ କରିବାର ଅଭ୍ୟାସ କରିଥାନ୍ତି । ଯାହାର ଦୃଷ୍ଟାନ୍ତ ହେଉଛି କୌଣସି ଭକ୍ତକୁ ପାଞ୍ଚ ମିନିଟ୍ରୁ କମ୍ ଓ ଆଠ ମିନିଟ୍ରୁ ବେଶୀ ସମୟ ଲାଗିଲେ ବୁଝିବାକୁ ହେବ ଯେ ମହାମନ୍ତ୍ରର ଅସ୍ପଷ୍ଟ ଉଚ୍ଚାରଣ ଓ ଶବ୍ଦ ବା ଅକ୍ଷରକୁ ଛାଡ଼ି ଦେବା, ଜପ କରୁ କରୁ ଶୋଇଯିବା, ଅନ୍ୟ କାର୍ଯ୍ୟ କରିବା, ବାରମ୍ବାର ବନ୍ଦ କରି କଥା ହେବା, ପଢ଼ିବା କିମ୍ବା ଥରେ ହରେକୃଷ୍ଣ ମହାମନ୍ତ୍ର ପୁରା ନ ହେବା ଆଗରୁ ଅନ୍ୟ ଗୋଟିକୁ ଚାଲିଯିବା, ଏହି ଭୁଲଟି ସାଧାରଣତଃ ଅସାବଧାନତା ଯୋଗୁଁ ହୋଇଥାଏ । ଏହିପରି ଭାବେ ଏକ ମାଳାରେ ୧୦୮ରୁ କମ୍ ସଂଖ୍ୟକ ମନ୍ତ୍ର ଜପ କରାଯାଇଥାଏ । ତେଣୁ ଜପର ସଂଶୋଧନ ପାଇଁ ସର୍ବଦା ଧ୍ୟାନ ରଖିବା ଉଚିତ୍ ।

ଶ୍ରୀକୃଷ୍ଣ ଭାବନାମୃତର ନବାଗତ ଭକ୍ତମାନେ ନିର୍ଦ୍ଦିଷ୍ଟ ମାଳା ଜପ କରିବା ପାଇଁ ଅଧିକ ସମୟ ଲଗାଇ ଥାଆନ୍ତି । ମାତ୍ର ଅଭ୍ୟାସ ହେଲା ପରେ ପ୍ରାୟ ଦେଢ଼ଘଣ୍ଟାରୁ ଦୁଇଘଣ୍ଟା (ପ୍ରତିମାଳାକୁ ୬ମିନିଟ୍ ରୁ ୮ମିନିଟ୍)ରେ ଷୋହଳ ମାଳା ଜପ ପୂର୍ଣ୍ଣ ହୋଇଥାଏ ।

## :: ଜପ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ::

ଭକ୍ତର ଜୀବନରେ ପବିତ୍ର ନାମ ଜପ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ସମସ୍ତ ମହାନ୍ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଦତ୍ତ ଜପ ତଥା କୀର୍ତ୍ତନ ଅନ୍ତଃକରଣ ଶୁଦ୍ଧି ନିମିତ୍ତ ଅତ୍ୟନ୍ତ ଆବଶ୍ୟକ ଅଟେ । ଗୁରୁଦେବ ଶିଷ୍ୟକୁ ଦୀକ୍ଷା ଦେବା ସମୟରେ ଜପ କରିବା ପାଇଁ କଠୋର ଭାବେ ଆଦେଶ ଦେଇଥାନ୍ତି । ଅତଏବ ପ୍ରତ୍ୟେକ ଦିନ ଜପମାଳାରେ ଷୋଳ ମାଳା ହରେକୃଷ୍ଣ ମହାମନ୍ତ୍ର ଜପ କରିବା ଏକ ପ୍ରାମାଣିକ ଶିଷ୍ୟର ପ୍ରଥମ କର୍ତ୍ତବ୍ୟ ଅଟେ । -ଶ୍ରୀଲ ପ୍ରଭୁପାଦ କହିଛନ୍ତି, "ଆମର ଅନେଶତ ପ୍ରତିଶତ (୯୯%) ଆଧ୍ୟାତ୍ମିକ ପ୍ରଗତି ପବିତ୍ର ନାମ ଜପ ଉପରେ ନିର୍ଭର କରିଥାଏ" । ଏହି ପ୍ରକାରେ ଯେଉଁ ଭକ୍ତ ପ୍ରାମାଣିକତା ପୂର୍ବକ ଅପରାଧଶୂନ୍ୟ ହୋଇ ପବିତ୍ର ନାମ ଜପ କରିବ ସେ କୃଷ୍ଣ ଭାବନାରେ ଖୁବ୍ ଶୀଘ୍ର ପ୍ରଗତି କରିବ ।

ଯେତେବେଳେ ଆମେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ସଂଲଗ୍ନ ହୋଇଥାଉ ସେହି କାର୍ଯ୍ୟ ନିମିତ୍ତ ଆମେ କିଛି ସମୟ ବାହାର କରିଥାଉ । ସେହି ପ୍ରକାର ପ୍ରତ୍ୟେକ ଭକ୍ତ ଦିନରେ କିଛି ନିର୍ଦ୍ଧାରିତ ସମୟ କେବଳ ଜପ ନିମିତ୍ତ ବାହାର କରିବା ଉଚିତ୍ । ଏବଂ ସେହି ସମୟରେ ପ୍ରତ୍ୟେକ କାର୍ଯ୍ୟକୁ ତ୍ୟାଗ କରି କେବଳ ଜପ କରିବା ପାଇଁ ପ୍ରୟାସ କରିବା ଉଚିତ୍ । ଜପ କରିବା ସମୟରେ ଅନ୍ୟ କୌଣସି କାର୍ଯ୍ୟ କରିବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ ଷୋଳମାଳା ଜପ କରୁଥିବା ସମୟରେ କେହି ସମାଚାର ପତ୍ର ପଢ଼ିବା, ଟିଭି ଦେଖିବା, ସଡ଼କରେ ଯାତାୟତ ଯାନବାହାନ, ଜନଗହଳିକୁ ଲକ୍ଷ୍ୟ କରିବା ଉଚିତ ନୁହେଁ । କିଛି କଥାବାର୍ତ୍ତା ମଧ୍ୟ ହେବା ଉଚିତ ନୁହେଁ । ଏପରିକି ସେହି ସମୟରେ କୀର୍ତ୍ତନ ମଧ୍ୟ ଶୁଣିବା ଉଚିତ ନୁହେଁ, କିନ୍ତୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହେଲେ ସେହି ମାଳାଟି ଶେଷ ହେଲେ ଆଲୋଚନା କରାଯାଇପାରେ । ଜପ ଏପରି ଏକ କାର୍ଯ୍ୟ ଯେଉଁଥିରେ ଏକାଗ୍ରଚିତ୍ତରେ ଧ୍ୟାନକୁ ନାମରେ କେନ୍ଦ୍ରିତ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଧ୍ୟାନ ପୂର୍ବକ ଶୁଣିବା ପାଇଁ ପ୍ରଯତ୍ନ କରିବା ଉଚିତ୍ । ଧ୍ୟାନ ପୂର୍ବକ ଶ୍ରବଣ ବିନା ଆମ୍ଭର ଜପ କେବଳ ଯାନ୍ତ୍ରିକ ଏବଂ ରୁଚିହୀନ ହୋଇଯିବ ।

- ପବିତ୍ର ନାମ ଜପ ସମୟରେ ଟେଲିଫୋନରେ କଥାବାର୍ତ୍ତା ହେବା ଉଚିତ ନୁହେଁ । ଟେଲିଫୋନ୍ କରୁଥିବା ବ୍ୟକ୍ତିଙ୍କୁ ନମ୍ରତା ପୂର୍ବକ ସନ୍ଦେଶ ଦେଇ ପରେ କଥାବାର୍ତ୍ତା ହେବାପାଇଁ ତାଙ୍କୁ କହିବା ଉଚିତ୍ ।
- ଯେଉଁ ସମୟରେ ଆମେ ପବିତ୍ର ନାମ ଜପ କରିଥାଉ ସେହି ସମୟରେ ଆମେ ସିଧାସଳଖ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ସଂପର୍କିତ ହୋଇଥାଉ । କାରଣ ଶ୍ରୀକୃଷ୍ଣ ତାଙ୍କ ନାମ ଠାରୁ ଅଭିନ୍ନ । ସଂପୂର୍ଣ୍ଣ ସୃଷ୍ଟିର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ନାମ ରୂପରେ ପ୍ରତ୍ୟକ୍ଷ ଭାବରେ ଆମ ସମକ୍ଷକୁ ଆସିଥାନ୍ତି । ଏଥିପାଇଁ ଭଗବାନଙ୍କ ଏହି ପବିତ୍ର "ମିଳନ" ମଝିରେ କୌଣସି ବିଘ୍ନ ଉପୁଜିବା ଉଚିତ୍ ନୁହେଁ ।

### *ମହାମନ୍ତ୍ରର ଅର୍ଥ ଏକ ପ୍ରାର୍ଥନା :*

ମହାମନ୍ତ୍ରର ଧ୍ୱନି ଦିବ୍ୟ ଏବଂ ଅଲୌକିକ ହୋଇଥିବା ହେତୁ ଆମ୍ଭେ ତାହାକୁ ଠିକ୍ ଭାବରେ ବୁଝୁ ବା ନ ବୁଝୁ ତଥାପି ଏହା ତାହାର ପ୍ରଭାବ ଦେଖାଇ ଥାଏ । ସୁତରାଂ ଆମେ ଏହା ବୁଝିବା ଉଚିତ୍ ଯେ ମହାମନ୍ତ୍ର ଜପ କରୁଥିବା ସମୟରେ ବାସ୍ତବରେ ଆମେ କଣ ପ୍ରାର୍ଥନା କରୁଛୁ । ଶ୍ରୀଲ ପ୍ରଭୁପାଦ ବୁଝାଇ କହିଛନ୍ତି ଯେ "ହରେକୃଷ୍ଣ ମହାମନ୍ତ୍ରର ଅର୍ଥ ହେଉଛି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାଙ୍କର ପ୍ରେମମୟୀ ସେବାରେ ସଂଲଗ୍ନ କରିବା

ନିମିତ୍ତ ବିନମ୍ର ପ୍ରାର୍ଥନା । ହରେକୃଷ୍ଣର ଅର୍ଥ ହେଉଛି "ହେ ହରେ ! ହେ ଶ୍ରୀମତୀ ରାଧାରାଣୀ ! ହେ ସର୍ବାକର୍ଷକ ଶ୍ରୀକୃଷ୍ଣ ! ମୋତେ ଆପଣଙ୍କ ସେବାରେ ନିୟୋଜିତ କରନ୍ତୁ ଯଦ୍ୱାରା ମୁଁ ମାୟାର ସେବାରୁ ମୁକ୍ତ ହୋଇପାରିବି ।"

ହରେକୃଷ୍ଣ ମହାମନ୍ତ୍ର ଏକ ପ୍ରାର୍ଥନା ଅଟେ । ଆମେ ମନ୍ତ୍ରକୁ ଭଲ ଭାବରେ ବୁଝି ଭକ୍ତି ପୂର୍ବକ ଭଗବାନଙ୍କ ପବିତ୍ର ନାମରେ ଦୃଢ଼ ବିଶ୍ୱାସ ରଖି ପ୍ରାର୍ଥନା କରିବା ଉଚିତ୍ । ଆମର ପ୍ରାର୍ଥନା ଏହି ପ୍ରକାରେ ହେବା ଉଚିତ୍ ଯେପରି ଏକ ଅନାଥ ବାଳକ ତାର ମା'କୁ ହରାଇ ଦେଇ କରୁଣ ସ୍ୱରରେ ଚିତ୍କାର କରୁଥାଏ । ଆମର ହୃଦୟ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ସେହିପରି ଅସହାୟ ଓ ବ୍ୟାକୁଳତା ପୂର୍ଣ୍ଣ ହେବା ଉଚିତ୍ ।

## *ଭୌତିକ ପ୍ରଲୋଭନ :*

ନିଜର ଭକ୍ତିମାର୍ଗରେ ଆଗକୁ ଯିବାପାଇଁ ଆମକୁ ପ୍ରଲୋଭନ ମୁକ୍ତ ହୋଇ ବାଧାକୁ ଏଡ଼ାଇ ଶ୍ରୀକୃଷ୍ଣଙ୍କର ଶୁଦ୍ଧ ଭକ୍ତିମୟ ସେବା ଅର୍ପଣ କରିବାର ମାର୍ଗ ସାଧନ କରିବା ନିମିତ୍ତ ଶିକ୍ଷା ଦିଆଯାଇ ଅଛି । ଏଥିପାଇଁ ଜପ ମାଧ୍ୟମରେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ କୌଣସି ଭୌତିକ ଲାଭ ପ୍ରତି ଦୃଷ୍ଟି ନ ରଖିବା ଉଚିତ୍ । ଭଗବାନଙ୍କ ନିକଟରେ ଆମର ଅନୁରୋଧ ଏପରି ହେବା ଉଚିତ୍ ଯେ ସେ ଆମ୍ଭଙ୍କୁ ତାଙ୍କର ସେବା ତଥା ତାଙ୍କର ନାମ ସ୍ମରଣ କରିବା ନିମିତ୍ତ ଅବସର ପ୍ରଦାନ କରନ୍ତୁ । ଶ୍ରୀଲ ପ୍ରଭୁପାଦ କହିଛନ୍ତି ଆମେ ଶ୍ରୀକୃଷ୍ଣଙ୍କ ନିକଟରେ ଏପରି ପ୍ରାର୍ଥନା କରିବା ଉଚିତ୍ "ହେ ଭଗବାନ ଶ୍ରୀକୃଷ୍ଣ ମୁଁ କେବେ ଆପଣଙ୍କୁ ବିସ୍ମରଣ ନ ହୁଏ" । ଯଦି ଆପଣ ମୋତେ ନର୍କକୁ ପଠାଇ ଦିଅନ୍ତି ତେବେ ମୋର କୌଣସି କଷ୍ଟ ନାହିଁ କିନ୍ତୁ ମୋ ଉପରେ ଏତିକି କୃପା କରନ୍ତୁ ଯେମିତି ମୁଁ ସର୍ବଦା ହରେକୃଷ୍ଣ ମହାମନ୍ତ୍ରକୁ ସ୍ମରଣ କରୁଥିବି ।

କୌଣସି ଭକ୍ତ ଚାକିରୀ କରିବା ପାଇଁ କାର୍ଯ୍ୟାଳୟକୁ ଯାତ୍ରା କରିବାବେଳେ ମଧ୍ୟ ଜପ କରିପାରେ । କିନ୍ତୁ ସେହି ଜପକୁ ଅତିରିକ୍ତ ଜପ ଭାବରେ ଗ୍ରହଣ କରିବା ଉଚିତ୍ । ଏହାକୁ ନିର୍ଦ୍ଧାରିତ ଷୋହଳ ମାଳା ଜପ ବା ନିୟମିତ ସଂଖ୍ୟା ମଧ୍ୟରେ ଗଣନା କରିବା ଉଚିତ୍ ନୁହେଁ ।

ଯଦି ସମ୍ଭବ ହୁଏ ତେବେ ବସି ଜପ କରିବା ଅତ୍ୟନ୍ତ ଉତ୍ତମ ଅଟେ । ସୁବିଧାନୁସାରେ ସୁଖାସନ ଅଥବା ପଦ୍ମାସନରେ ବସି ପିଠିକୁ ସିଧା ରଖିବେ । କାନ୍ଥର ସାହାଯ୍ୟ ନେବା ପିଠିକୁ ବଙ୍କାଇ ବସିବା, ହାତର କହୁଣିକୁ କୋଳରେ କିମ୍ବା ଅନ୍ୟ ସ୍ଥାନରେ ଭରାଦେଇ ବସି ଜପ କରିବା ଉଚିତ୍ ନୁହେଁ । କାରଣ ଏହା ଶୀଘ୍ର ନିଦ୍ରାକୁ ନିମନ୍ତ୍ରଣ କରିଥାଏ । ସବୁଠାରୁ ଖରାପ ସ୍ଥିତି ହେଉଛି ଚେୟାର ଉପରେ ଭରା ଦେଇ ଗୋଡ଼ ଲମ୍ବାଇ ବସିବା କିମ୍ବା ଭୂମିରେ ଅସ୍ତବ୍ୟସ୍ତ ଭାବରେ ବସିବା । ଏହା ନିଦ୍ରାକୁ ଶୀଘ୍ର ନିମନ୍ତ୍ରଣ କରିଥାଏ ।

- ଯଦି କାହାକୁ ଅଧିକ ନିଦ୍ରା ଆସୁଥାଏ ଏବଂ ମନ ବିଶେଷ ଅଶାନ୍ତ ରହୁଥାଏ, ତେବେ ଛିଡ଼ା ହୋଇ କିମ୍ବା ଚାଲି ଚାଲି ଜପ କରିବା ଉଚିତ୍ ।
- ଛିଡ଼ା ହୋଇ ଜପ କରୁଥିବା ସମୟରେ କାନ୍ଥକୁ ଆଉଜି ଜପ କରିବା ଉଚିତ୍ ନୁହେଁ । ଏହାଦ୍ୱାରା ନିଦ୍ରା ମଧ୍ୟ ଆସି ଯାଇପାରେ । ଶ୍ରୀକୃଷ୍ଣ ଠାରୁ ମନକୁ ଦୂରେଇ ନେବା ପାଇଁ ବ୍ୟକ୍ତି ନାନା ପ୍ରକାର ପନ୍ଥାର ଆଶ୍ରୟ ନେଇଥାଏ ।
- କୌଣସି କୌଣସି ଭକ୍ତ ଚାଲି ଚାଲି ଜପ କରିବାକୁ ପସନ୍ଦ କରିଥାନ୍ତି । ଯଦ୍ୟପି ଆଚାର୍ଯ୍ୟଗଣ ଏହାକୁ ମାନ୍ୟତା ଦେଇଥାନ୍ତି ତଥାପି ଇତଃସ୍ତତଃ ଅନ୍ୱେଷଣ ନ କରି ସାବଧାନତା ଅବଲମ୍ବନ କରିବା ଉଚିତ୍ ।

କୌଣସି କାରଣରୁ ମନ ଯେପରି ବିଚଳିତ ନ ହୁଏ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଉଚିତ୍ । ଏକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ନିଜର ମସ୍ତକ ଟିକିଏ ଅବନତ  କରି ଚାଲିଲେ ମନରେ ଏକାଗ୍ରତା ଆସିଥାଏ ।

ଚାଲୁଥିବା ଅବସ୍ଥାରେ ଜପ କରୁଥିବା ସମୟରେ ବ୍ୟକ୍ତି ମନକୁ ସଦାସର୍ବଦା ସତର୍କ ରଖିବା ଉଚିତ୍ । ବସି ବସି ଜପ କରୁଥିବା ଅବସ୍ଥାରେ ଯଦି ନିଦ୍ରା ଆସିଯାଏ ତେବେ ଶୀଘ୍ର ଉଠି ଚାଲିବା ଉଚିତ୍ । ଯେତେବେଳେ ମନ ଏପଟ ସେପଟ ଆନ୍ଦୋଳିତ ହୁଏ ତେବେ ପବିତ୍ର ନାମ ଶ୍ରବଣ କରିବା ନିମିତ୍ତ ବଳପୂର୍ବକ ନିୟନ୍ତ୍ରଣ କରିବା ଉଚିତ୍ ।

## *ଜପରେ କୌଣସି ସର୍ତ୍ତ ନାହିଁ*

ବେଳେ ବେଳେ ସମୟ ବଞ୍ଚାଇବା ଉଦ୍ଦେଶ୍ୟରେ ଜପ ଶୀଘ୍ର କରାଯାଇଥାଏ । ଯେଉଁଥିରେ ଷୋଳମାଳା ଶୀଘ୍ର ଶେଷ ହୋଇଯିବ । ଏହା ଭକ୍ତିର ପ୍ରତିକୂଳ ହୋଇଥିବା ହେତୁ ଏପରି ମାନସିକତାରୁ ଦୂରେଇ ରହିବା ଉଚିତ୍ । ସ୍ୱଷ୍ଟ ଓ ଧ୍ୟାନ ପୂର୍ବକ ଜପ ଉପରେ ସର୍ବଦା ଗୁରୁତ୍ୱ ଦେବା ଉଚିତ୍ । ଜପ ଏକ ବ୍ୟକ୍ତିଗତ କାର୍ଯ୍ୟ ଅଟେ । ଏଥିପାଇଁ ପ୍ରତ୍ୟେକେ ଅନ୍ୟକୁ ନକଲ ନ କରି ନିଜେ ଜପ କରିବାର ସମୟ ନିର୍ଦ୍ଧାରଣ କରିବା ଉଚିତ୍ । ଉଦାହରଣ ସ୍ୱରୂପ କିଛି ଭକ୍ତ ଷୋଳ ମାଳା ଜପ ପାଇଁ ଦେଢ଼ ଘଣ୍ଟା ସମୟ ପର୍ଯ୍ୟାପ୍ତ ଅଟେ । କିନ୍ତୁ ଆଉ କେତେ ଭକ୍ତଙ୍କ ପାଇଁ ଦୁଇଘଣ୍ଟା ସମୟ କମ୍ ପଡ଼ିଥାଏ । ମହାମନ୍ତ୍ରର ଶବ୍ଦ ମଝିରେ ମଝିରେ ଛାଡ଼ି କେବେ ବି ଜପ କରିବା ଉଚିତ ନୁହେଁ । ସଠିକ୍ ଭାବରେ ଜପ କରିବାର ଯେତେ ବ୍ୟବସ୍ଥା ରହିଛି ତାହାକୁ ଗ୍ରହଣ କରାଯିବା ଉଚିତ୍ । ଏଥିରେ ଅବହେଳା କରିବାର ପ୍ରଶ୍ନ ଉଠୁନାହିଁ ।

ଜପ ଏକ ଭଗବତ୍ ଭକ୍ତିର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଅତଏବ ଭକ୍ତମାନେ ସର୍ବଦା ଏ ବିଷୟରେ ଚର୍ଚ୍ଚା କରିବା ଉଚିତ୍ । ଏହାର ମହତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ଜଣେ ଅନ୍ୟଜଣଙ୍କ ସହିତ ଅନୁଭୂତି ବା ଅନୁଭବର କଥା ଆଲୋଚନା କରିବା ଆବଶ୍ୟକ ।

## *ଭକ୍ତ ସଙ୍ଗରେ ଜପ ସର୍ବୋତ୍ତମ ଅଟେ:*

- ଯଦିଓ ଜପ ଏକ ବ୍ୟକ୍ତିଗତ କାର୍ଯ୍ୟ ଅଟେ, ତଥାପି ଏହା କୁହାଯାଇଛି ଯେ ଭକ୍ତଙ୍କ ସଙ୍ଗରେ ଜପ କରିବା ଉଚିତ୍ । ଯେତେବେଳେ ଆମ୍ଭେ ଏକୁଟିଆ ଜପ କରୁ ସେ ସମୟରେ କିଛି ଅସାବଧାନ କିମ୍ବା ଅମନଯୋଗର ସମ୍ଭାବନା ଅଛି । କିନ୍ତୁ ଭକ୍ତଙ୍କ ସଙ୍ଗରେ ଜପ କଲେ ଅନ୍ୟର ଉତ୍ସାହ ଐକାନ୍ତିକତା ନିଜ ଉପରେ ପ୍ରଭାବ ପଡ଼େ । ଯେଉଁ ସମୟରେ ଭକ୍ତ ଏକ ସଙ୍ଗରେ ଜପ କରୁଥାନ୍ତି ସେ ସମୟରେ ଏକ ଶକ୍ତିଶାଳୀ ଧ୍ୱନୀ କମ୍ପନ ହୋଇଥାଏ । ଏହି ଅଦ୍ଭୁତ ବାତାବରଣରେ ଜପ କରିବା ଆନନ୍ଦପୂର୍ଣ୍ଣ ଅଟେ ।

-ଏଥିପାଇଁ ମନ୍ଦିରରେ ଭକ୍ତମାନେ ପ୍ରାତଃକାଳୀନ ଜପ ସମୟରେ ଉପସ୍ଥିତ ରହିବା ଏକାନ୍ତ ଆବଶ୍ୟକ । ଗୃହିଭକ୍ତ ପରିବାରର ସଦସ୍ୟ ମାନଙ୍କ ସହିତ ଏକତ୍ର ଜପ କରିବା ଉଚିତ୍ । ତୁଳସୀ ମହାରାଣୀଙ୍କୁ ମଝିରେ ରଖି ତାଙ୍କ ଚତୁଃପାର୍ଶ୍ୱରେ ବସି ବା ପ୍ରଦକ୍ଷିଣ କରି କରି ଜପ କରିବା ସର୍ବୋତ୍ତମ ।

## *ପ୍ରାତଃକାଳୀନ ଜପ :*

– ବ୍ରାହ୍ମ ମୁହୂର୍ତ୍ତରେ ଜପ ଶେଷ କରିବା ଆବଶ୍ୟକ । ଯଦି ତାହା ସମ୍ଭବ ନ ହୁଏ, ତାହାହେଲେ ରାତ୍ରି ଶୋଇବା ପୂର୍ବରୁ ଶେଷ କରିବା ଆବଶ୍ୟକ । ସକାଳୁ ସକାଳୁ ଶୀଘ୍ର ଉଠିବା ଭକ୍ତଙ୍କ ନିମନ୍ତେ ଅନିବାର୍ଯ୍ୟ ଅଟେ । ଏଥିରେ ଯେପରି ଅବହେଳା ନ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ୍ । ସମସ୍ତଙ୍କୁ ଜପ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖିବା ଆବଶ୍ୟକ । ସମୟ ସମ୍ବନ୍ଧରେ ସତର୍କ ରହିବା ଭକ୍ତିର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ସମସ୍ତେ ନିଜ କାର୍ଯ୍ୟକୁ ଯିବା ପୂର୍ବରୁ ୧୦ ରୁ ୧୨ ମାଳା ଜପ ନିଶ୍ଚିତ ରୂପେ କରିବା ଉଚିତ୍ । ଏହାଠାରୁ ଯଦି ଅଧିକ ହୁଏ ଅତ୍ୟନ୍ତ ଉତ୍ତମ ଅଟେ ।

### *ଉଚ୍ଚ ସ୍ୱରରେ ଜପ :*

– ଜପ ଉଚ୍ଚ ସ୍ୱରରେ ବା ନିମ୍ନ ସ୍ୱର ଦୁଇପ୍ରକାର କରାଯାଇଥାଏ । ଭଲ ଜପର ଅର୍ଥ ନୁହେଁ ଯେ ଜପ ଉଚ୍ଚ ସ୍ୱରରେ କରିବା । ଆମେ କେତେ ଉଚ୍ଚ ସ୍ୱରରେ ମନ୍ତ୍ର ଉଚ୍ଚାରଣ କରୁଛୁ ତାହାଠାରୁ ମହତ୍ତ୍ୱପୂର୍ଣ୍ଣ ଅଟେ ଆମେ ତାହାକୁ କେତେ ଧ୍ୟାନପୂର୍ବକ ଶୁଣୁଛୁ । ଭକ୍ତଙ୍କ ସଙ୍ଗରେ ଜପ କରୁଥିବା ସମୟରେ ଆମ୍ଭର କିମ୍ବା ସେମାନଙ୍କର ଧ୍ୟାନ ଯେପରି ବିଚଳିତ ନହୁଏ ସେଥିପ୍ରତି ସମ୍ବେଦନଶୀଳ ହେବା ଉଚିତ୍ ।

### *ପବିତ୍ର ନାମ ଅଥବା ଲୀଳା ସ୍ମରଣ :*

ଭକ୍ତଙ୍କ ଦ୍ୱାରା ସର୍ବଦା ଗୋଟିଏ ପ୍ରଶ୍ନ ପଚରାଯାଏ ଯେ ଜପ କରିବା ସମୟରେ କ'ଣ କୃଷ୍ଣଲୀଳା ବିଷୟରେ ଚିନ୍ତା କରାଯାଏ ? ଏହି ସମ୍ବନ୍ଧରେ ଶ୍ରୀଲ ପ୍ରଭୁପାଦ କ'ଣ କହିଛନ୍ତି ଆମେ ଦେଖିବା । "ଶ୍ରୀକୃଷ୍ଣ ନାମର ଶ୍ରବଣ ତଥା ଶ୍ରୀକୃଷ୍ଣ ଲୀଳା ଏ ଦୁଇଟି ମଧ୍ୟରେ ଯାହାକିଛି ପାର୍ଥକ୍ୟ ଥାଉନା କାହିଁକି ଯେତେବେଳେ ଭଗବାନଙ୍କର ନାମ ଶ୍ରବଣ କରାଯାଏ ସେତେବେଳେ କୃଷ୍ଣଲୀଳା ରୂପ ଓ ଗୁଣ ଇତ୍ୟାଦି ଆପେ ଆପେ ପ୍ରକଟ ହୋଇଯାଏ ।" ଅନ୍ୟତ୍ର ସ୍ଥାନରେ ଶ୍ରୀଲ ପ୍ରଭୁପାଦ କହିଛନ୍ତି, "ଯଦି କେବଳ ସାମାନ୍ୟ ରୂପରେ ଜଣେ ନାମ ଶ୍ରବଣ କରେ ବା ଉଚ୍ଚାରଣ କରେ ସେତେବେଳେ ଯଦି ଶ୍ରୀକୃଷ୍ଣଙ୍କର ଲୀଳା ମନ ମଧ୍ୟରେ ଆସିଯାଏ ତାହାହେଲେ ଅତି ଉତ୍ତମ ଅଟେ ।" କୃତ୍ରିମ ରୂପରେ ତାହା ସ୍ମରଣ କରିବା ଠିକ୍ ନୁହେଁ । ପବିତ୍ର ନାମ ଜପ କରିବା ସମୟରେ ସମସ୍ତେ ନାମାପରାଧ ପ୍ରତି ସତର୍କ ରହିବା ଉଚିତ୍ । ଶ୍ରୀଲ ପ୍ରଭୁପାଦ କହିଛନ୍ତି "ଉତ୍ତମ ଜପର ଅର୍ଥ ନିରପରାଧ ଭାବେ ଜପ କରିବା ।"

## ଜପମାଳାର ବ୍ୟବହାର

ପ୍ରଧାନତଃ : ତୁଳସୀ କାଷ୍ଠରେ ଜପମାଳା ତିଆରି ହୁଏ । ନଚେତ୍ ପଦ୍ମମଞ୍ଜି, ନିମ୍ବ ଅଥବା ବେଲ କାଠରେ ଜପମାଳା ତିଆରି କରାଯାଏ । ଜପମାଳାକୁ ଡାହାଣ ହାତରେ ଧରି ଜପ କରାଯାଏ । ଜପର ସଂଖ୍ୟା ହିସାବ ପାଇଁ ଜପମାଳାରେ ୧୦୮ଟି ଗୋଟି ଥାଏ । ବଡ଼ ଗୋଟି ଓ ଛୋଟ ଗୋଟିର ସଂଯୋଗ ସ୍ଥଳରେ ଗୋଟିଏ କଳସ ସଦୃଶ ଗୋଟି ଥାଏ । ଯାହାକୁ ମେରୁ କହନ୍ତି । ହରେକୃଷ୍ଣ ମହାମନ୍ତ୍ର ଜପ କରିବା ପୂର୍ବରୁ ଡାହାଣ ହାତର ବୃଦ୍ଧା ଓ ମଝି ଆଙ୍ଗୁଳିରେ ମେରୁକୁ ଧରି ପ୍ରଥମେ ପ୍ରଭୁପାଦଙ୍କର ପ୍ରଣାମ ମନ୍ତ୍ର (ଗୁରୁ ଆଶ୍ରିତ ଭକ୍ତ ଗୁରୁଦେବଙ୍କ ପ୍ରଣାମ ମନ୍ତ୍ର) କରିବେ । ତା'ପରେ ଥରେ ବା ତିନିଥର ପଞ୍ଚତତ୍ତ୍ୱ ମନ୍ତ୍ର–ଜପ କରିବାକୁ ହେବ । କାରଣ ଜପ କରିବା ସମୟରେ ହେଉଥିବା ଅପରାଧରୁ କ୍ଷମା ପ୍ରାପ୍ତ ହେବା ସଙ୍ଗେ ସେମାନଙ୍କ କୃପା ଆଶୀର୍ବାଦରେ ଆମେ ଅତିଶୀଘ୍ର ଅଭିଷ୍ଟ ଲାଭ କରିପାରିବା । ତାପରେ ତର୍ଜନୀ (ବିଷି) ଆଙ୍ଗୁଳି ସ୍ପର୍ଶ ନ କରି ମଧ୍ୟମା ଓ ବୃଦ୍ଧା ଆଙ୍ଗୁଳିରେ ବଡ଼ ଗୋଟି ଆଗକୁ ରଖି ସେହି ପଟର ପ୍ରଥମ ଗୋଟିଟି ଧରି

ହରେକୃଷ୍ଣ ମହାମନ୍ତ୍ର ଜପ କରିବେ ।

**ପ୍ରଭୁପାଦ ପ୍ରଣାମ ମନ୍ତ୍ର :** ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଲେ ।
ଶ୍ରୀମତେ ଭକ୍ତିବେଦାନ୍ତ ସ୍ୱାମୀନିତି-ନାମିନେ ।
ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ ।
ନିର୍ବିଶେଷ-ଶୂନ୍ୟବାଦୀପାଶ୍ଚାତ୍ୟ ଦେଶ ତାରିଣେ ।

**ପଞ୍ଚତତ୍ତ୍ୱ ମନ୍ତ୍ର:** ଜୟ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ
ଶ୍ରୀ ଅଦ୍ୱୈତ ଗଦାଧର ଶ୍ରୀବାସାଦି ଗୌର ଭକ୍ତବୃନ୍ଦ ॥

**ମହାମନ୍ତ୍ର:** ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ"॥

ସୁସ୍ପଷ୍ଟ ଭାବରେ ନିଜେ ଶ୍ରବଣ କରିବା ଭଳି ଉଚ୍ଚାରଣ କରି ନିଜ ଆଡ଼କୁ ଟାଣିବେ । ତାପରେ ଦ୍ୱିତୀୟ ଗୋଟି ଧରି ପୁଣି ମହାମନ୍ତ୍ର ପୁରା ଉଚ୍ଚାରଣ କରିବେ ଏହିପରି ବଡ଼ରୁ ଛୋଟ ପର୍ଯ୍ୟନ୍ତ ଗୋଟିକ ପରେ ଗୋଟିଏ ଗୋଟି ଧରି ଜପ କରିବେ । ମେରୁ ନିକଟରେ ପହଞ୍ଚିଲେ ପୁଣି ମେରୁ ଗୋଟିକୁ ଧରି ପଞ୍ଚତତ୍ତ୍ୱ ମନ୍ତ୍ର ଉଚ୍ଚାରଣ କରିବେ । ଏବେ ଆପଣଙ୍କର ଗୋଟିଏ ମାଳା ଜପ ପୂର୍ଣ୍ଣ ହେଲା । ଏବେ ସାକ୍ଷୀମାଳାର ଗୋଟିଏ ଗୋଟି ଉପରକୁ ଟାଣିବେ । ପୁଣି ଯେତେବେଳେ ମାଳା ଜପ ଆରମ୍ଭ କରିବେ ସେତେବେଳେ ମାଳାଟି ଘୁରାଇ ନେଇ ଛୋଟ ଗୋଟିକୁ ଆଗକୁ ଆଣିବେ ଏବଂ ଛୋଟ ପଟର ପ୍ରଥମ ଗୋଟି ଠାରୁ ଜପ କରିବେ । ଛୋଟରୁ ବଡ଼ ପର୍ଯ୍ୟନ୍ତ ଆଗେଇବେ । ମନେ ରଖିବେ ଯେ'ପର୍ଯ୍ୟନ୍ତ ପୁରା ହରେକୃଷ୍ଣ ମନ୍ତ୍ର ଜପ ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ଦ୍ୱିତୀୟ ଗୋଟି ଧରିବେ ନାହିଁ । ଏହି ଭଳି ଆପଣ ପ୍ରତିଦିନ ଏକ, ଦୁଇ, ଚାରି, ଆଠ ଏହିପରି ଷୋହଳ ମାଳାଜପ କରିପାରନ୍ତି । ସାକ୍ଷୀମାଳାରୁ ଆପଣ କେତେ ମାଳା ଜପ କଲେ ଜାଣିପାରିବେ । ନିୟମିତ ନିର୍ଦ୍ଦିଷ୍ଟ ସଂଖ୍ୟକ ମାଳା ଜପ କରିବା ପରେ ସେହି ସଂଖ୍ୟାରୁ କମ୍ ଜପ କରିବା ଉଚିତ୍ ନୁହେଁ ।

ଜପମାଳା ଅତ୍ୟନ୍ତ ଶ୍ରଦ୍ଧାର ସହିତ ଗ୍ରହଣ କରିବାକୁ ହୋଇଥାଏ । ମାଳାକୁ ଜପ ବ୍ୟାଗ ଭିତରେ ରଖିବେ । ବ୍ୟାଗ ମଇଳା ହେଲେ ସାବୁନ୍ ଦେଇ ଧୋଇ ଦେବେ । ମାଟିରେ ପାଦ ଦେଉଥିବା ସ୍ଥାନରେ ଜପମାଳ ରଖିବା, ରାସ୍ତାରେ ଯିବା ସମୟରେ ନିଜେ ଧରି ପରିସ୍ରା କରିବା ଓ ଶୌଚାଳୟକୁ ନେବା ନିଷିଦ୍ଧ । ଜପମାଳାକୁ ଉଚ୍ଚ ପବିତ୍ର ସ୍ଥାନରେ ବା କେଉଁଠି ଝୁଲାଇ ରଖିବେ । ସେହି ଜପ ବ୍ୟାଗରେ ତର୍ଜନୀ ଆଙ୍ଗୁଳିକୁ ଜପମାଳା ଠାରୁ ଦୂରେଇ ବାହାରେ ରଖିବା ପାଇଁ ଗୋଟିଏ ବିଶେଷ ଛିଦ୍ର ଥାଏ । ଜପ ନ କରୁଥିବା ସମୟରେ ଗଳାରେ ପକାଇ ସବୁସ୍ଥାନକୁ ନେଇପାରନ୍ତି । ଅବସର ସମୟରେ ଜପ କରିବା ପାଇଁ ଭକ୍ତମାନେ ସବୁବେଳେ ଜପମାଳାକୁ ନିଜ ସାଥିରେ ରଖିଥାନ୍ତି ।

## ଶ୍ରୀକୃଷ୍ଣ ନାମ ଗ୍ରହଣ

### (ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କ ବାଣୀ)

ଶ୍ରୀ ହରିନାମ ଗ୍ରହଣ ଓ ସ୍ୱୟଂ ଭଗବାନଙ୍କୁ ସାକ୍ଷାତ୍ କରିବା ଦୁଇଟି ଏକ ବୋଲି ଜାଣିବେ । ଶ୍ରୀନାମରେ ରୁଚି କମ୍ ରହିଲେ ମଧ୍ୟ ବିଧିପୂର୍ବକ ଆଗ୍ରହର ସହ ନାମ ଗ୍ରହଣ କରୁ କରୁ ଗ୍ରହିତା ଶ୍ରୀନାମ ଓ

ଶ୍ରୀନାମୀ ଗୌରକୃଷ୍ଣ ଦୁଇଜଣଙ୍କୁ ଏକ ବୋଲି ଜାଣିପାରେ । ଶ୍ରୀ ହରିନାମ ଓ ଭଗବାନ ଶ୍ରୀହରି ଏକ ବସ୍ତୁ ବୋଲି ଜାଣିବେ । ପୂଜା ଓ ଧ୍ୟାନ ଠାରୁ ବିଶେଷ ରୂପେ କୃଷ୍ଣ ନାମ ଗ୍ରହଣ ହିଁ ଶ୍ରେଷ୍ଠ ବୋଲି ଜାଣିବେ ।

ନିର୍ବନ୍ଧ କରି କୃଷ୍ଣ ନାମ ଗ୍ରହଣ କଲେ ସମସ୍ତ ପ୍ରକାରର ମଙ୍ଗଳ ସାଧିତ ହୋଇଥାଏ । ଶ୍ରୀ ନାମ ଗ୍ରହଣ ସମୟରେ ଜଡ଼ ଚିନ୍ତା ଆସିଲେ, ଶ୍ରୀ ନାମ ଗ୍ରହଣରେ ଶିଥିଳତା କରିବେ ନାହିଁ । ଶ୍ରୀନାମ ଗ୍ରହଣ ଦ୍ୱାରା ବିଭିନ୍ନ ପ୍ରକାର ଅଶୁଭ ବା ଅଯୁକ୍ତିକର ଜାଗତିକ ଚିନ୍ତା ଦୂର ହୋଇଯିବ । ଏଥିପାଇଁ ବ୍ୟସ୍ତ ହେବା ଦରକାର ନାହିଁ । କ'ଣ ହେବ ନ ହେବ ଏଥିରେ ଚିନ୍ତା କରିବା ଦରକାର ନାହିଁ । ଶ୍ରୀନାମ ଗ୍ରହଣରେ ଅତ୍ୟନ୍ତ ଆଗ୍ରହୀ ନହେଲେ ଜଡ଼ଚିନ୍ତା ଯିବନାହିଁ । କାୟ, ମନ, ବାକ୍ୟରେ ଶ୍ରୀନାମର ସେବା କଲେ ଶ୍ରୀନାମ ତାଙ୍କର ପରମ ମଙ୍ଗଳମୟ ସ୍ୱରୂପ ପ୍ରଦର୍ଶନ କରିବେ । ଶ୍ରୀନାମ ଗ୍ରହଣ କରୁ କରୁ ଅନର୍ଥ ସମୂହ ଅପସାରିତ ହେଲେ ଶ୍ରୀନାମର ରୂପ, ଗୁଣ ଓ ଲୀଳା ଆପେ ଆପେ ସ୍ଫୁରିତ ହେବ । ନିଜେ ଚେଷ୍ଟା କରି ବା କୃତ୍ରିମ ଉପାୟରେ ରୂପ, ଗୁଣ, ଲୀଳାର ସ୍ମରଣ କରିବା ଦରକାର ନାହିଁ ।